# ବୁଥ ସ୍ତରୀୟ ଅଧିକାରୀ
# ଇ - ପତ୍ରିକା




ନିର୍ବାଚନର ପର୍ବ
ଦେଶର ଗର୍ବ

ଜଣେ BLO ନିଜ ଅଞ୍ଚଳରେ ଭୋଟର ସୂଚନା ସ୍ଲିପ
ଏବଂ ଭୋଟର ଗାଇଡ ବାଣ୍ଟୁଥିବାର ଦୃଶ୍ୟ

Volume 11

# ନିର୍ବାଚନର ପର୍ବ ଦେଶର ଗର୍ବ

ସାଧାରଣ ନିର୍ବାଚନ - ୨୦୨୪

ଭାରତ ନିର୍ବାଚନ ଆୟୋଗ ନିଜକୁ ଗର୍ବିତ ମନେ କରୁଛି, ନିର୍ବାଚନରେ ମୁକ୍ତ, ଅବାଧ ଓ ନିରପେକ୍ଷତାକୁ ପାଳନ ରଖି ଏହାର ଅଖଣ୍ଡତା ବଜାୟ ରଖିଥିବା ହେତୁ ।

ଚଳନ୍ତା ସାଧାରଣ ନିର୍ବାଚନ ୨୦୧୪ରେ, ଭାରତ ନିର୍ବାଚନ ଆୟୋଗର ଏବଂ ରାଜ୍ୟ ନିର୍ବାଚନ ଅଧିକାରୀ ମାନେ ନିର୍ବାଚନକୁ ସମାବେଶୀ, ସୁଗମ, ସହଭାଗୀ କରିବା ନିମନ୍ତେ ସମ୍ପୂର୍ଣ୍ଣ ଚେଷ୍ଟା କରିଛନ୍ତି ।

ନିର୍ବାଚନର ଏହି ମହାନ୍ ପର୍ବ ହେଉଛି ଏକ ଉତ୍ସର୍ଗୀକୃତ ପରିବେଶ ତନ୍ତ୍ରର ଏକ ଦଳିୟ ପ୍ରୟାସ। ତୃଣମୂଳ ସ୍ତରରେ ବୁଥ୍ ସ୍ତରୀୟ ଅଧିକାରୀ (BLO) ମାନେ ଭାରତ ନିର୍ବାଚନ ଆୟୋଗର ସଜାଗ ପ୍ରହରୀ ଭାବରେ ଭୋଟରଙ୍କ ସହ ସାମିଲ ହୋଇ ସେମାନଙ୍କୁ ସାହାଯ୍ୟ ସହଯୋଗ, କରିଥାନ୍ତି ।

## ସମ୍ପାଦକ କମିଟି

ଏନ୍. ଏନ୍. ବୁଟୋଲିଆ
ବରିଷ୍ଠ ପ୍ରମୁଖ ଶାସନ ସଚିବ
(ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ)

ଅଶୋକ କୁମାର
ନିର୍ଦ୍ଦେଶକ ( ସୂଚନା ଓ ପ୍ରଯୁକ୍ତିବିଦ୍ୟା)

କୁଲଦୀପ କୁମାର ସହରାୱତ୍
ନିର୍ଦ୍ଦେଶକ (ଟ୍ରେନିଂ)
IIIEDM

ଏସ. ସୁନ୍ଦର ରାଜନ୍
ନିର୍ଦ୍ଦେଶକ (ଇଭିଏମ୍)

ଦୀପାଲି ମାସିର୍ କାର
ନିର୍ଦ୍ଦେଶକ
( ଇଲେକ୍ସନ ପ୍ଲାନିଂ)

ସନ୍ତୋଷ ଅଜମେରା
ନିର୍ଦ୍ଦେଶକ (SVEEP)
କମିଟି ଆବାହକ

## ସମ୍ପାଦନା ମଣ୍ଡଳୀ

ଆର୍ କେ ସିଂହ
ସଂଯୋଜକ (SVEEP)

ଅନୁଜ ଚଣ୍ଡକ
ଯୁଗ୍ମ ନିର୍ଦ୍ଦେଶକ ମିଡିଆ
(SVEEP)

ରଜନୀ ଉପାଧ୍ୟାୟ
ଯୋଗାଯୋଗ ପରାମର୍ଶଦାତା

ଫାରାଃ ଅଲ୍ଭି
ଗ୍ରାଫିକ୍ସ ଡିଜାଇନର

# ମତଦାନ ଦିନ BLOଙ୍କ ଭୂମିକା

ନିର୍ବାଚନ ସମୟରେ, BLO ମାନଙ୍କର ଭୂମିକା ଏବଂ ଦାୟିତ୍ୱ ବହୁଗୁଣିତ ହୋଇଯାଏ । ଭୋଟ୍ ଦିନ ଭୋଟରଙ୍କୁ ସୁବିଧା ସୁନିଶ୍ଚିତ କରିବା ପାଇଁ ସେମାନେ ସେମାନଙ୍କର କର୍ତ୍ତବ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ପାଳନ କରିବା ଆବଶ୍ୟକ, ମତଦାନ ପ୍ରତିଶତ ବୃଦ୍ଧି କରିବା ସେମାନଙ୍କ ମୂଳ ଲକ୍ଷ୍ୟ, ଯାହା ମଧ୍ୟ BLOର ଏକ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟରେ ଅନ୍ତର୍ଭୁକ୍ତ:

## ଜଣେ BLO ପାଖରେ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ନିଶ୍ଚିତ ଭାବେ ଥିବା ଦରକାର ।

ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ଏକ BLOର ପ୍ରମୁଖ ଲକ୍ଷ୍ୟ ହେବା ଉଚିତ୍ । ସେମାନଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ସମସ୍ତ ଯୋଗ୍ୟ ଭୋଟର, ତାଲିକାରେ ଅନ୍ତର୍ଭୁକ୍ତ ଅଛନ୍ତି। ଅଧିକନ୍ତୁ, BLO ନିଶ୍ଚିତ ଭାବରେ ଭୋଟରଙ୍କୁ ଭୋଟର ତାଲିକାରେ ସେମାନଙ୍କର ନାମ ଯାଞ୍ଚ କରିବାକୁ ଉତ୍ସାହିତ କରିବା ଦରକାର । ଭୋଟର ତାଲିକାରେ ସେମାନଙ୍କ ନାମ ଖୋଜିବାରେ ଭୋଟରଙ୍କୁ କିପରି ସାହାଯ୍ୟ କରିବେ? ଭୋଟ୍ ଦେବା ପାଇଁ, ଭୋଟର ତାଲିକାରେ ସେମାନଙ୍କର ନାମ ଥିବା ଆବଶ୍ୟକ ।

1. ଭୋଟର୍ ହେଲ୍ପଲାଇନ୍ ଆପ୍ ବ୍ୟବହାର କରନ୍ତୁ ।
2. voters.eci.gov.in
3. ECI <ସ୍ପେସ୍> <EPIC NO> ଲେଖି 1950 କୁ SMS କରନ୍ତୁ ।

## ଭୋଟର ସ୍ଲିପ୍ ଏବଂ ଭୋଟର ଗାଇଡ୍ ବଣ୍ଟନକୁ ସହଜ କରିବା ।




ବି.ଏଲ.ଓ ମାନଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା, ମତଦାନ ଦିନ ପୂର୍ବରୁ ଭୋଟରଙ୍କ ପରିବାରକୁ ଭୋଟର ସୂଚନା ପତ୍ର ବଣ୍ଟନ । BLO ନିଶ୍ଚିତ ଭାବରେ ନିଜ ଅଞ୍ଚଳରେ ଭୋଟର ସ୍ଲିପ୍ ର ୧୦୦% ବିତରଣ ନିଶ୍ଚିତ କରିବେ ଯାହା ଦ୍ୱାରା ଭୋଟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଯେପରିକି ମତଦାନ କେନ୍ଦ୍ରର ନାମ, ମତଦାନ ବୁଥ୍ ଏବଂ ମତଦାନର ତାରିଖ ଜାଣିପାରିବେ । ଭୋଟର ସୂଚନା ପତ୍ର ଭୋଟରଙ୍କୁ ନିଶ୍ଚିତ କରେ ଯେ ସେମାନଙ୍କର ନାମ ଭୋଟର ତାଲିକାରେ ଅଛି ଏବଂ ସେମାନେ ଭୋଟ୍ ଦେଇପାରିବେ । ମତଦାନ ଦିନ ଭୋଟ୍ ଦେବାକୁ ଭୋଟରଙ୍କୁ ମଧ୍ୟ ଉତ୍ସାହିତ କରିବାକୁ ପଡିବ ।

# ମତଦାନ ପ୍ରକ୍ରିୟା, ଆଇଡି କାର୍ଡ ଏବଂ ଭୋଟ୍ ଦେବାର ପ୍ରକ୍ରିୟା ବିଷୟରେ ଭୋଟରଙ୍କୁ ସୂଚୀତ କରିବା ନିମନ୍ତେ BLO ନିଶ୍ଚିତ ଭାବରେ ଏହି ସୁଯୋଗକୁ ବ୍ୟବହାର କରିବେ ।

## ମତଦାନ ପ୍ରକ୍ରିୟା

ଭୋଟର ମାନେ ଧାଡିରେ ଛିଡା ହୋଇଛନ୍ତି ।



ପ୍ରଥମ ପୋଲିଂ ଅଧିକାରୀ ଭୋଟର ତାଲିକାରେ ଏବଂ ଆପଣଙ୍କର ପରିଚୟ ପ୍ରମାଣପତ୍ରରେ ଆପଣଙ୍କ ନାମ ଯାଞ୍ଚ କରନ୍ତି ।



ଦ୍ଵିତୀୟ ପୋଲିଂ ଅଧିକାରୀ ଆପଣଙ୍କ ଆଙ୍ଗୁଳି ଓ ନଖରେ ଅଲିଭା କାଳି ଲଗାଇ ଚିହ୍ନିତ କରନ୍ତି, ଏକ ସ୍ଲିପ୍ ଦିଅନ୍ତି ଏବଂ ଆପଣଙ୍କ ଦସ୍ତଖତ ନେଇଥାନ୍ତି ।



ତୃତୀୟ ମତଦାନ ଅଧିକାରୀ ସ୍ଲିପ୍ ନେଇ ଆପଣଙ୍କ ଆଙ୍ଗୁଳି ଓ ନଖରେ ଚିହ୍ନ ଯାଞ୍ଚ କରନ୍ତି ।



ଇଭିଏମ୍ ରେ ଭୋଟ୍ ଦେବାକୁ ଭୋଟର ନିଜ ପସନ୍ଦର ପ୍ରାର୍ଥୀ / NOTA ବିରୁଦ୍ଧରେ ବଟନ୍ ଦବାନ୍ତି; ଏକ ଲାଲ୍ ଆଲୋକ ଜଳି ଉଠେ ।



## ଆପଣ ଜାଣନ୍ତି କି?

## ଅଲିଭା କାଳି

- ଅଲିଭା କାଳି ହେଉଛି ଏକ ଅର୍ଦ୍ଧ-ସ୍ଥାୟୀ ରଙ୍ଗ ଯାହା ଜଣେ ଭୋଟର ଦ୍ଵାରା ଏକାଧିକ ଭୋଟ୍ ରୋକିବା ପାଇଁ ଭୋଟରଙ୍କ ବାମ ହାତର ବିଷି ଆଙ୍ଗୁଳିରେ ଲଗାଯାଇଥାଏ ।

- ଏହାର ଉଦ୍ଦେଶ୍ୟ ହେଉଛି ନିର୍ବାଚନ ସମୟରେ ବ୍ୟକ୍ତିବିଶେଷଙ୍କୁ ଏକାଧିକ ଥର ଭୋଟ୍ ଦେବାରୁ ରୋକିବା, ଯାହା ମତଦାନ ପ୍ରକ୍ରିୟାର ଅଖଣ୍ଡତାକୁ ବଜାୟ ରଖିବାରେ ସାହାଯ୍ୟ କରିଥାଏ ।

- ଅଲିଭା କାଳି ନ୍ୟାସନାଲ୍ ଫିଜିକାଲ୍ ଲାବୋରେଟୋରୀ (NPL) ଦ୍ଵାରା ବିକଶିତ ହୋଇଥିଲା । ୧୯୬୧ ମସିହାରେ ନୂଆଦିଲ୍ଲୀ CSIRର ଏକ ସହାୟକ ଲାବୋରେଟୋରୀ ମହିସୁର ପେଣ୍ଟସ୍ ଏବଂ ଭର୍ନିଶ୍ ଲିମିଟେଡ୍ (MPVL) (କର୍ଣ୍ଣାଟକ ସରକାରଙ୍କ ଦ୍ଵାରା ଅଧିକୃତ ୧୯୬୨ରେ )କୁ ଲାଇସେନ୍ସ ପ୍ରଦାନ କରିଥିଲା ।

- CSIR-NRDC ଏବଂ MPVL ମଧ୍ୟରେ ଇଣ୍ଡେଲିବଲ୍ ଇଙ୍କ୍ (ଅଲିଭା କାଳି)ର ସ୍ଵତନ୍ତ୍ର ଉତ୍ପାଦନ ପାଇଁ ଏକ ଚୁକ୍ତିନାମା ସ୍ଵାକ୍ଷର କରାଯାଇ ଅଛି । ସେହି ଦିନଠାରୁ, MPVL ଏକମାତ୍ର ପ୍ରାଧିକୃତ ଉତ୍ପାଦକ ଭାବେ ଭାରତ ନିର୍ବାଚନ ଆୟୋଗଙ୍କ ପାଇଁ ଇଣ୍ଡେଲିବଲ୍ ଇଙ୍କ୍ ଉତ୍ପାଦନ କରିଆସୁଛି ।

# ମତଦାନ ପାଇଁ ଅନୁମୋଦିତ ଦସ୍ତାବିଜ୍ / ପରିଚୟ ପ୍ରମାଣପତ୍ର

- ଭୋଟର ପରିଚୟ ପତ୍ର (EPIC)
- ଆଧାର କାର୍ଡ
- ଅକ୍ଷମତା ID (UDID) କାର୍ଡ / ୟୁନିକ ଡିଜାବଲିଟି କାର୍ଡ
- NPR ଅଧୀନରେ RGI ଦ୍ୱାରା ଦିଆଯାଇଥିବା ସ୍ମାର୍ଟ କାର୍ଡ
- ପେନସନ୍ ଦସ୍ତାବିଜ୍
- ଡ୍ରାଇଭିଂ ଲାଇସେନ୍ସ
- ଡ୍ରାଇଭିଂ ଲାଇସେନ୍ସ
- ପାସପୋର୍ଟ
- ଫଟୋ ସହିତ ବ୍ୟାଙ୍କ / ପୋଷ୍ଟ ଅଫିସ୍ ପାସବୁକ୍
- ସାଂସଦ / ବିଧାୟକ / ବିଧାନ ପରିଷଦର ସଦସ୍ୟଙ୍କୁ ଦିଆଯାଇଥିବା ସରକାରୀ ପରିଚୟ ପତ୍ର
- ପାନ୍ କାର୍ଡ
- ସେବା ପରିଚୟ ପତ୍ର
- ସ୍ୱାସ୍ଥ୍ୟ ବୀମା ସ୍ମାର୍ଟ କାର୍ଡ (ଶ୍ରମ ମନ୍ତ୍ରଣାଳୟ )





ଲୋକସଭା ୨୦୨୪ ପାଇଁ ପ୍ରସ୍ତୁତି ବେଳର କିଛି SVEEP କାର୍ଯ୍ୟକଳାପ ।




ନିର୍ବାଚନର ପ୍ରଥମ ଚାରୋଟି ପର୍ଯ୍ୟାୟରେ ଭୋଟରମାନେ ମତଦାନ କରୁଥିବାର ଚିତ୍ର ।



# ବୁଥ୍ ସ୍ତରୀୟ ସୁବିଧାକୁ ପ୍ରୋତ୍ସାହନ



ନିର୍ବାଚନକୁ ଅନ୍ତର୍ଭୁକ୍ତ, ସୁଗମ ତଥା ସମାବେଶୀ କରିବା ପାଇଁ ଭାରତ ନିର୍ବାଚନ ଆୟୋଗ କୌଣସି ଅଭାବ ଛାଡି ନାହାଁନ୍ତି । ECI ଗାଇଡଲାଇନ ଅନୁସାରେ ତୃଣମୂଳ ସ୍ତରରେ ବାର୍ତ୍ତା ପହଁଚାଇବାରେ ଏବଂ ଭୋଟରଙ୍କୁ ସହଯୋଗ କରିବାରେ BLO ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । BLO ମାନେ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଉପଲବ୍ଧ ସୁନିଶ୍ଚିତ ସର୍ବନିମ୍ନ ସୁବିଧା କୁ ପ୍ରୋତ୍ସାହିତ କରି ଭୋଟର ମାନଙ୍କୁ ବହୁ ସଂଖ୍ୟାରେ ଆସି ବିନା କୌଣସି ଅସୁବିଧାରେ ମତଦାନ କରିବାକୁ ଉତ୍ସାହିତ କରିଥାନ୍ତି । ଭୋଟରଙ୍କୁ ଏହି ସୂଚନା ଦିଆଯିବା ଉଚିତ :



୧. ପ୍ରତ୍ୟେକ ମତଦାନ କେନ୍ଦ୍ର ନିଶ୍ଚିତ ଭାବରେ ତଳ ମହଲାରେ ରହିବା ଆବଶ୍ୟକ, ଏବଂ ସୁନିଶ୍ଚିତ ସର୍ବନିମ୍ନ ସୁବିଧା (AMF) ଯେପରି ପାନୀୟ ଜଳ, ଛାୟା, ପିଇବା ପାଣି, ଶୌଚାଳୟ, ପର୍ଯ୍ୟାପ୍ତ ଆଲୋକ, ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ରାମ୍ପ୍ ଏବଂ ଉପଯୁକ୍ତ ଭୋଟିଂ ବଖରା ଆଦିର ବ୍ୟବସ୍ଥା କରିବା ଆବଶ୍ୟକ ।



୨. BLO ନିଶ୍ଚିତ କରିବାକୁ ପଡିବ ଯେ ସମସ୍ତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକମାନେ ଚିହ୍ନଟ ହୋଇ ନିଜ ନିଜ ମତଦାନ କେନ୍ଦ୍ରରେ ସୂଚିତ ହୋଇଥିବେ, ସୁଗମ ଭୋଟ୍ ପାଇଁ ଦିବ୍ୟାଙ୍ଗଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ସହିତ ।



୩. BLOଙ୍କୁ ନିଶ୍ଚିତ ଭାବରେ ଭୋଟରଙ୍କୁ ଜଣାଇବେ ଯେ ସ୍ୱେଚ୍ଛାସେବୀମାନେ ଚିହ୍ନିତ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ଭୋଟରଙ୍କୁ ମତଦାନ କେନ୍ଦ୍ରରେ ସାହାଯ୍ୟ କରିବେ ।

୪. ଭୋଟରମାନେ ନିଶ୍ଚିତ ଭାବରେ ଜାଣିବେ ଯେ ମତଦାନ ଦିନ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକ ଭୋଟରଙ୍କ ପାଇଁ ଉପଯୁକ୍ତ ପରିବହନ ସୁବିଧା ସୁନିଶ୍ଚିତ କରାଯାଇଛି ।



୫. BLOମାନଙ୍କ ଦ୍ୱାରା ସୂଚିତ ହେବାପରେ ଦିବ୍ୟାଙ୍ଗ ଭୋଟରମାନେ ସକ୍ଷମ-ଇସିଆଇ ଆପରେ ପଞ୍ଜିକୃତ ହୋଇ ହ୍ୱିଲ୍ ଚେୟାର ସୁବିଧା ପାଇଁ ଅନୁରୋଧ କରିପାରିବେ ।

BLO ନିଶ୍ଚିତ ଭାବରେ ଭୋଟରଙ୍କୁ (୮୫ ବର୍ଷରୁ ଅଧିକ ବୟସ୍କ ନାଗରିକ ଏବଂ ୪୦%ରୁ ଊର୍ଦ୍ଧ୍ୱ ବେଞ୍ଚମାର୍କ ସାର୍ଟିଫିକେଟ୍ ଥିବା ଦିବ୍ୟାଙ୍ଗ ) ସୂଚିତ କରିବେ ଯେ ସେମାନେ ଫର୍ମ 12D ପୂରଣ କରି ହୋମ ଭୋଟିଂ ସୁବିଧା ଏବଂ ପୋଷ୍ଟାଲ୍ ବାଲାଟ ସୁବିଧା ପାଇପାରିବେ । ଅତ୍ୟାବଶ୍ୟକ ସେବାରେ ନିୟୋଜିତ ଭୋଟରମାନେ ଫର୍ମ 12D ଦାଖଲ କରି ପୋଷ୍ଟାଲ ବାଲାଟ ସୁବିଧା ମଧ୍ୟ ପାଇପାରିବେ ।

## ମତଦାନ ବୁଥରେ ସହାୟତା କରିବାକୁ BLO ପ୍ରସ୍ତୁତ ।




ଭୋଟର ସହାୟତା କେନ୍ଦ୍ରରେ BLO




ମତଦାନ କେନ୍ଦ୍ରରେ ଚିକିତ୍ସା ସୁବିଧା ଉପଲବ୍ଧ

ଭୋଟର ଆବଶ୍ୟକ କରୁଥିବା କୌଣସି ବି ସହାୟତା ପାଇଁ ମତଦାନ ଦିନ ହେଲ୍ପ ଡେସ୍କରେ BLO ଉପଲବ୍ଧ ହେବା ଆବଶ୍ୟକ ଏବଂ ଭୋଟରମାନେ ନିଜ ନିଜ ମତଦାନ ବୁଥରେ ସ୍ୱାଗତ କରାଯାଉଥିବା ଭଳି ଅନୁଭବ କରିବା ଦରକାର ।

# ଡିଜିଟାଲ୍ ବିପ୍ଳବ: ନିର୍ବାଚନ ସମୟରେ ଆଇଟି ଆପ୍ ଗୁଡ଼ିକର ବ୍ୟବହାରକୁ ପ୍ରୋତ୍ସାହିତ କରିବା ।

ବିଗତ କିଛି ବର୍ଷ ମଧ୍ୟରେ, ଭୋଟର ପଞ୍ଜିକରଣ ପାଇଁ ECI ଡିଜିଟାଲ୍ ପଦକ୍ଷେପ ଗ୍ରହଣ କରିଛି, ଯେଉଁଥିରେ ଭୋଟରମାନେ ଅନଲାଇନରେ ସେମାନଙ୍କର ବିବରଣୀ ଯାଞ୍ଚ ଏବଂ ଅପଡେଟ୍ କରିପାରିବେ । ଏହା ସଠିକ୍ ଭୋଟର ତାଲିକା ନିଶ୍ଚିତ କରିବା ସହ ସୁବିଧା ଏବଂ ଯୋଗଦାନକୁ ବଢ଼ାଇ ପାରିଛି । ଭୋଟରଙ୍କ ସୁବିଧା ପାଇଁ ECI ଏଭଳି ମୋବାଇଲ୍ ଆପ୍ ଆରମ୍ଭ କରିଛି । BLO ମାନେ ନିଶ୍ଚିତ ଭାବରେ ନିଜ ନିଜ ଅଞ୍ଚଳରେ ଭୋଟର ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଏହି ଆପଗୁଡିକୁ ଲୋକପ୍ରିୟ କରାଇବେ ।
ଭୋଟରଙ୍କ ପାଇଁ ଉପଲବ୍ଧ ଲୋକପ୍ରିୟ ଆପ ଗୁଡ଼ିକ ହେଉଛି:

## ଭୋଟର ହେଲ୍ପଲାଇନ ଆପ୍

୧. ଏହା ଏକ ପ୍ଲାଟଫର୍ମ ଯାହା ଭୋଟରଙ୍କୁ ସମସ୍ତ ସମାଧାନ ପ୍ରଦାନ କରେ ସୁବିଧାଜନକ ଭାବରେ ପଞ୍ଜିକରଣ ଏବଂ ନିର୍ବାଚନ ସମ୍ବନ୍ଧୀୟ ସେବା ଯୋଗାଇଥାଏ ।
୨. ଏକ ସୂଚନା ଯୋଗ୍ୟ ନିଷ୍ପତ୍ତି ନେବା ପାଇଁ ଆପଣ ନିର୍ବାଚନରେ ପ୍ରତିଦ୍ୱନ୍ଦୀତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କ ବିବରଣୀକୁ ସହଜରେ ଯାଞ୍ଚ କରିପାରିବେ ।

## ସି- ଭିଜିଲ୍ ଆପ୍

୧. ନାଗରିକମାନଙ୍କୁ ନିର୍ବାଚନ ଆଚରଣ ବିଧି (MCC) ଉଲ୍ଲଂଘନର ରିପୋର୍ଟ କରିବାକୁ ସୁବିଧା ଦିଏ ।
୨. ନାଗରିକମାନଙ୍କୁ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରେ ।
୩. ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର ସ୍ଥାନ ଜାଣିବାକୁ GPS ବ୍ୟବହାର କରେ ।
୪. ବ୍ୟବହରକାରୀ ମାନଙ୍କୁ କେବଳ live ଘଟଣାଗୁଡ଼ିକୁ କଏଦ୍ କରିବାକୁ ଅନୁମତି ଦିଏ ।
୫. ଆପଣଙ୍କ ଅଭିଯୋଗର ସ୍ଥିତି ଟ୍ରାକ୍ କରନ୍ତୁ ।
୬. ଅଚିହ୍ନା ରହି MCC ଉଲ୍ଲଂଘନ ମାମଲା ରିପୋର୍ଟ କରିବାକୁ ସୁବିଧା ।

## ଆପଣଙ୍କ ପ୍ରାର୍ଥୀଙ୍କୁ ଜାଣନ୍ତୁ ( KYC App )

୧. ଏହା ଭୋଟରମାନଙ୍କୁ ସେମାନଙ୍କ ନାମ ଅନୁଯାୟୀ ପ୍ରାର୍ଥୀଙ୍କୁ ଖୋଜିବାକୁ ଅନୁମତି ଦିଏ ।
୨. ଏହା ପ୍ରାର୍ଥୀଙ୍କ ପୂର୍ବ ଅପରାଧିକ ମାମଲା ବିଷୟରେ ସୂଚନା ପ୍ରଦାନ କରେ ।
୩. ଏହା ପ୍ରାର୍ଥୀଙ୍କ ବିରୋଧରେ ଦାଖଲ ହୋଇଥିବା କୌଣସି ଅପରାଧିକ ମାମଲାର ସ୍ଥିତି ବିଷୟରେ ସୂଚନା ପ୍ରଦାନ କରିଥାଏ ।
୪. ଏହା ପ୍ରାର୍ଥୀଙ୍କ ବିରୁଦ୍ଧରେ ହୋଇଥିବା ଅପରାଧର ପ୍ରକୃତିକୁ ଜଣାଏ ।
୫. ଏହା ଉଭୟ ଆଣ୍ଡରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମରେ ଉପଲବ୍ଧ ।

## ସକ୍ଷମ - ECI

୧. ଏକ ନୂତନ PwD ଭୋଟର କାର୍ଡ ପାଇଁ ଆବେଦନ କରନ୍ତୁ ।
୨. ନିଜକୁ ଭିନ୍ନକ୍ଷମ ବ୍ୟକ୍ତି (PwD ) ଭାବରେ ଚିହ୍ନିତ କରନ୍ତୁ ।
୩. ଆବଶ୍ୟକ ହେଲେ ହ୍ୱିଲ୍ ଚେୟାର ପାଇଁ ଆବେଦନ କରନ୍ତୁ ।
୪. ସୁଗମ ବୈଶିଷ୍ଟ୍ୟ ସମ୍ପର୍କ ।

## ECI ର ଜାତୀୟ ଆଇକନ୍




ସଚିନ ତେନ୍ଦୁଲକର, କ୍ରିକେଟ୍ କିମ୍ବଦନ୍ତୀ



ରାଜ୍ କୁମାର ରାଓ, ଅଭିନେତା

# ଏକ ଆଦର୍ଶ ମତଦାନ କେନ୍ଦ୍ର ଏବଂ ଏକ ଭିନ୍ନ ମତଦାନ କେନ୍ଦ୍ର ମଧ୍ୟରେ ପାର୍ଥକ୍ୟ ମୁଖ୍ୟତଃ ସେମାନଙ୍କର ବୈଶିଷ୍ଟ୍ୟ ଏବଂ ଉଦ୍ଦେଶ୍ୟରେ ରହିଥାଏ :

- ଏକ ଆଦର୍ଶ ମତଦାନ କେନ୍ଦ୍ର କୌଣସି ଏକ ଜିଲ୍ଲା ଏବଂ ରାଜ୍ୟର ଲୋକପ୍ରିୟ ଦିଗକୁ ଆଲୋକିତ କରିବା ପାଇଁ ପ୍ରତିଷ୍ଠା କରାଯାଇଥାଏ ।
- ମତଦାନ କେନ୍ଦ୍ରକୁ ଭୋଟରଙ୍କୁ ଆକୃଷ୍ଟ କରିବା ଏବଂ ମତଦାନର ଦିନକୁ ଏକ ଉତ୍ସବର ରୂପ ଦେବା ପାଇଁ ଆଦର୍ଶ ମତଦାନ କେନ୍ଦ୍ର ପ୍ରତିଷ୍ଠା କରାଯାଉଅଛି ।
- ଭୋଟରଙ୍କୁ ସ୍ୱାଗତଯୋଗ୍ୟ ଏବଂ ଗୁରୁତ୍ୱପୂର୍ଣ୍ଣ ମନେ କରାଇବା ପାଇଁ ମଡେଲ ପୋଲିଂ ଷ୍ଟେସନଗୁଡିକ ଫୁଲ, ବେଲୁନ୍ ସହ ସ୍ୱତନ୍ତ୍ର ବିଷୟବସ୍ତୁ ଉପରେ ସଜାଯାଇଥାଏ ।

**ଆପଣ ଜାଣିଥିଲେ କି?**

**ରୋଚକ ତଥ୍ୟ**



## ଆଦର୍ଶ ମତଦାନକେନ୍ଦ୍ର :




- ସୁଦୂର କିମ୍ବା କଷ୍ଟସାଧ୍ୟ-ଗନ୍ତବ୍ୟ କ୍ଷେତ୍ର, ଦ୍ୱୀପପୁଞ୍ଜ, ଆଦିବାସୀ ଅଞ୍ଚଳ କିମ୍ବା ଅନନ୍ୟ ଭୌଗୋଳିକ ସଂରଚନା ଆଦି ଅଞ୍ଚଳରେ ଭିନ୍ନ ମତଦାନ କେନ୍ଦ୍ର ପ୍ରତିଷ୍ଠା ହୋଇଥାଏ ।
- ଭିନ୍ନ ମତଦାନ କେନ୍ଦ୍ର ସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ଭୋଟର, ସେମାନଙ୍କର ଅବସ୍ଥାନ କିମ୍ବା ପରିସ୍ଥିତିକୁ ଗୁରୁତ୍ୱ ନଦେଇ ନିଶ୍ଚିତ ଭାବେ ସେମାନଙ୍କ ଭୋଟ୍ ଦେବାର ଅଧିକାର ବ୍ୟବହାର କରିପାରିବେ ।
- ଭିନ୍ନ ମତଦାନ କେନ୍ଦ୍ରରେ ଭୋଟରଙ୍କୁ ସ୍ୱଗତ କରାଯିବା ନିମନ୍ତେ ସ୍ୱତନ୍ତ୍ର ଏବଂ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବା ଆବଶ୍ୟକ ଯେପରିକି ପରିବହନ ବ୍ୟବସ୍ଥା, ମତଦାନର ସମୟ ବୃଦ୍ଧି ଏବଂ ଅଭିନବ ଯୋଗାଯୋଗ ପଦ୍ଧତି ଇତ୍ୟାଦି ।
- ଭିନ୍ନ (Unique) ମତଦାନ କେନ୍ଦ୍ରର ସ୍ୱତନ୍ତ୍ରତା ବିଭିନ୍ନ କାରଣରୁ ଆସିଥାଏ ଯେପରିକି ଭୌଗୋଳିକ ଅବସ୍ଥିତି, ଐତିହାସିକ ମହତ୍ତ୍ୱ, କିମ୍ବା ପରିବେଶ ଅନୁକୂଳ ନହେବା ।

## ଭିନ୍ନ ମତଦାନ କେନ୍ଦ୍ର

# ଭିନ୍ନ ମତଦାନ କେନ୍ଦ୍ରର ଏକ ଅନୁଭବ ।

## ସାଉଥ ଆଣ୍ଡାମାନ: ଡୁଗୋଙ୍ଗ କ୍ରିକ୍ ଲିଟିଲ୍ ଆଣ୍ଡାମାନ

## ANI PC, ୩୪୦ - ଡୁଗୋଙ୍ଗ କ୍ରିକ୍ ଲିଟିଲ୍



ମତଦାନ କେନ୍ଦ୍ର ୩୪୦ ଡୁଗୋଙ୍ଗ କ୍ରିକ୍, ଲିଟିଲ୍ ଆଣ୍ଡାମାନ ଦ୍ୱୀପପୁଞ୍ଜରେ ଅବସ୍ଥିତ ଯାହା ଓଙ୍ଗେସ ଜନଜାତି ମାନଙ୍କ ବାସସ୍ଥଳୀ । ଓଙ୍ଗେସ ଜନଜାତି ମାତ୍ର ୧୦୦ ବର୍ଷ ହେବ, ସଭ୍ୟତା ସହିତ ଯୋଗାଯୋଗରେ ଅଛନ୍ତି । ପ୍ରାରମ୍ଭରେ, ଓଙ୍ଗସ୍ ଲିଟିଲ୍ ଆଣ୍ଡାମାନ୍ ର ବିଭିନ୍ନ ଅଞ୍ଚଳରେ ବାସ କରୁଥିଲେ କିନ୍ତୁ ପରେ ସେମାନେ ଲିଟିଲ୍ ଆଣ୍ଡାମାନର ଡୁଗଙ୍ଗ୍ କ୍ରିକ୍ ଏବଂ ସାଉଥ୍ ବେ'ର ଦୁଇଟି ସ୍ଥାନରେ ରହିବା ଆରମ୍ଭ କଲେ । ୨୦୦୪ର ସୁନାମି ପରେ, ସାଉଥ୍ ବେର ଓଙ୍ଗେସ ସ୍ୱେଚ୍ଛାକୃତ ଭାବରେ ଡୁଗୋଙ୍ଗ୍ କ୍ରିକ୍, ଲିଟିଲ୍ କୁ ସ୍ଥାନାନ୍ତରିତ ହୋଇଥିଲେ ।

ଡୁଗୋଙ୍ଗ କ୍ରିକ୍, ଓଙ୍ଗେସ ଜନଜାତି ପାଇଁ ଗଭୀର ଗୁରୁତ୍ୱ ଧାରଣ କରେ, ଏକ ବିଶେଷ ଭାବରେ Primitive ଜନଜାତି ଗୋଷ୍ଠୀ (PVTG) ଭାବରେ ବର୍ଗୀକୃତ ହୋଇଥିବା ଏକ ଉଚ୍ଚ anthropological ଗୁରୁତ୍ୱ ଯୁକ୍ତ ଜନଜାତି ଭାବେ ପ୍ରତ୍ୟେକ ନାଗରିକ ସେମାନଙ୍କର ମତଦାନର ଅଧିକାର ବ୍ୟବହାର କରିବାର ସୁଯୋଗ ପାଇଛନ୍ତି ।




ଅଲଗା ଥିବା ଦ୍ୱୀପ ଗୁଡ଼ିକରେ ୯୪ ଜଣ ଭୋଟରଙ୍କ ମତ ଗ୍ରହଣ କରିବା ପାଇଁ ଭୋଟ୍ ଦିବସର ଦୁଇ ଦିନ ପୂର୍ବରୁ ପୋଲିଂ ପାର୍ଟି ଯାତ୍ରା କରିଥିଲା । ଲିଟିଲ୍ ଆଣ୍ଡାମାନରେ ପହଞ୍ଚିବା ପାଇଁ ଜାହାଜ ମାଧ୍ୟମରେ ଛଅ ଘଣ୍ଟା ଲମ୍ବା ଯାତ୍ରା କରିବାକୁ ପଡ଼େ । ତା'ପରେ ପାର୍ଟି ଡୁଙ୍ଗୀ (ଛୋଟ ଡ଼ଙ୍ଗା) ସହାୟତାରେ ପର ଦିନ ମତଦାନ ସାମଗ୍ରୀ ସହ ଡୁଗୋଙ୍ଗ କ୍ରିକ୍ ପାଇଁ ବାହାରନ୍ତି । ଓଙ୍ଗେସ୍ ବସ୍ତିରେ ପହଞ୍ଚିବା ପାଇଁ ଏକ ଘଞ୍ଚ ସଂକୀର୍ଣ୍ଣ ଜଳ ରାସ୍ତା ଦେଇ ଯିବାକୁ ଦେଢ଼ ଘଣ୍ଟା ସମୟ ଲାଗେ । ପୋଲିଂ ପାର୍ଟି ରାତି ସାରା ବିଚ୍ଛିନ୍ନ ଦ୍ୱୀପ ଗୁଡ଼ିକରେ ରହି ପରଦିନ ମତଦାନ ପ୍ରକ୍ରିୟା କରିଥାନ୍ତି । ସୁଦୂର ଏବଂ ବିଚ୍ଛିନ୍ନ ସ୍ଥାନ ସତ୍ତ୍ୱେ, ଓଙ୍ଗେସ ଲୋକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଉତ୍ସାହର ସହିତ ଅଂଶଗ୍ରହଣ କରନ୍ତି ଯାହା ଗତ ସାଧାରଣ ନିର୍ବାଚନରୁ ଆକଳନ କରାଯାଇପାରେ ।

## ମତଦାନ କେନ୍ଦ୍ର: ସରକାରୀ ସିନିୟର ମୌଳିକ ବିଦ୍ୟାଳୟ, ବିତ୍ରା, ଲକ୍ଷାଦ୍ୱୀପ

ଏହି ମତଦାନ କେନ୍ଦ୍ର ସରକାରୀ ସିନିୟର ମୌଳିକ ବିଦ୍ୟାଳୟ,ବିତ୍ରା, ବିତ୍ରା ଦ୍ୱୀପରେ ଅବସ୍ଥିତ, ଯାହାକି ଲକ୍ଷାଦ୍ୱୀପର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ । ଏହି ଦ୍ୱୀପର ସମୁଦାୟ ଜନସଂଖ୍ୟା ୨୯୩ ଏବଂ ମୋଟ୍ ଭୋଟରଙ୍କ ସଂଖ୍ୟା ୨୪୩ । କାଭାର୍ଥି ଠାରୁ ପାଖାପାଖି ୧୨୫ କିଲୋ ମିଟର ଦୁରରେ ଅବସ୍ଥିତ ।

ଜିଲ୍ଲା ମୁଖ୍ୟାଳୟ ଠାରୁ ଏଠାକୁ ପହଁଚିବାକୁ ହେଲେ । ୨୦୧୯ ସାଧାରଣ ନିର୍ବାଚନ ସମୟରେ, ଦ୍ୱୀପରେ ଅନୁଷ୍ଠିତ ଶେଷ ନିର୍ବାଚନ ସମୟରେ ଲକ୍ଷାଦ୍ୱୀପ ନିର୍ବାଚନ ଅଧିକାରୀ ମତଦାନ ପ୍ରକ୍ରିୟା ସୁରୁଖୁରୁରେ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ କରିଥିଲେ । ମତଦାନ ସାମଗ୍ରୀ ଏବଂ କର୍ମଚାରୀମାନଙ୍କୁ ବିତ୍ରାକୁ ସମୟ ପୁର୍ବରୁ ଭଲ ଭାବରେ ନେବା ପାଇଁ ଏକ ସ୍ୱତନ୍ତ୍ର ଜାହାଜ ବ୍ୟବସ୍ଥା କରାଯାଇଥିଲା । ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ବ୍ୟବସ୍ଥା କରିବା ସହିତ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) / ଭିଭିପ୍ୟାଟସ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ କାଭାର୍ଥିକୁ ଠିକ୍ ସମୟରେ ଫେରିବା ସୁନିଶ୍ଚିତ କରିଥିଲେ ।

ଗମନା ଗମନ ଓ ସାମଗ୍ରୀକ ପ୍ରତିବନ୍ଧକ ସତ୍ତ୍ୱେ, ଦ୍ୱୀପଟି ୨୦୧୯ ସାଧାରଣ ନିର୍ବାଚନ ସମୟରେ ୯୪.୫୦% ଭୋଟରଙ୍କ ସଂଖ୍ୟା ରେକର୍ଡ କରିଥିଲା, ଯାହା ଏହାର ବାସିନ୍ଦାଙ୍କ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ନେଇ ପ୍ରତିବଦ୍ଧତାକୁ ଦର୍ଶାଇଥିଲା ।



# ତୃଣମୂଳ ସ୍ତରର କାହାଣୀ

ମୋର ନାମ ମଧୁମାଲା ଏବଂ ମୁଁ ବୁଥ୍ ନମ୍ବର ୮୬, ବଞ୍ଜାରୁ ମାଲେ, ଡାକସିନା କନ୍ନଡାର BLO ହୋଇଥିବାରୁ ଅତ୍ୟନ୍ତ ଗର୍ବିତ, ଯେଉଁଠି ୧୮ ତମ ଲୋକସଭା ନିର୍ବାଚନ ୨୦୨୪ ରେ ୧୦୦% ମତଦାନ ହୋଇଥିଲା ।

ବଞ୍ଜାରୁ ମାଲେ, ମଙ୍ଗାଲୋର ଠାରୁ ୧୨୫ କିଲୋମିଟର ଦୂର ଚାରମାଡି ଘାଟର ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ । ଏହି ଗ୍ରାମର ନାମ ବଞ୍ଜାରୁ ମାଲେ ରହିବାର କାରଣ ହେଲା ଏହି ଅଞ୍ଚଳ ମାନବ ବସତି ସ୍ଥାପନା ପାଇଁ ଉପଯୁକ୍ତ ନୁହେଁ ବୋଲି କୁହାଯାଉଥିଲା ।

ନିରିୟା ଗ୍ରାମ ପଞ୍ଚାୟତର ବଞ୍ଜାରୁ ମାଲେ ଗ୍ରାମରେ ମାଲେକୁଡିଆ ଆଦିମ ଅଧିବାସୀ ସମ୍ପ୍ରଦାୟର ୧୧୧ଜଣ ଭୋଟର ଅଛନ୍ତି (୪୮ଟି ଘରେ) । ଉପଯୁକ୍ତ ରାସ୍ତା ଏବଂ ମୋବାଇଲ୍ ସଂଯୋଗ ନ ଥିବାରୁ ଆଦିବାସୀ ଗୋଷ୍ଠି ବିଚ୍ଛିନ୍ନ ଭାବେ ରହିଆସିଛନ୍ତି । ପ୍ରଥମ ଥର ପାଇଁ ୨୦୧୫ ରେ ବଞ୍ଜାରୁ ମାଲେ ଗୋଷ୍ଠି ଗୃହରେ ଏକ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିଲା। ୨୦୧୫ ପର୍ଯ୍ୟନ୍ତ ବାସିନ୍ଦାମାନେ ଭୋଟ୍ ଦେବା ପାଇଁ ପ୍ରାୟ ୨୦ ରୁ ୨୫ କିଲୋମିଟର ବାଟ ଯାତ୍ରା କରୁଥିଲେ ।



ମୁଁ ଗତ 6 ବର୍ଷ ଧରି ବଞ୍ଜାରୁ ମାଲେ ମତଦାନ କେନ୍ଦ୍ରରେ BLO ଭାବରେ କାର୍ଯ୍ୟ କରିଆସୁଛି । ମୁଁ ଗାଁର ସମସ୍ତ ୪୮ଟି ଘର ପରିଦର୍ଶନ କରି ବଞ୍ଜାରୁ ମାଲେ ମତଦାନ ମାମଲାରେ ୧୦୦% ସଂଖ୍ୟା ନିଶ୍ଚିତ କରିବାକୁ ବାସିନ୍ଦାଙ୍କୁ ନିବେଦନ କରିଥିଲି । ସେମାନଙ୍କ ସହ ଭଲ ସମ୍ପର୍କ ସ୍ଥାପନ କରିବା ପାଇଁ ମୁଁ ସେମାନଙ୍କ ଉତ୍ସବରେ ମଧ୍ୟ ଭାଗ ନେଇଥିଲି ।

ବିଗତ କିଛି ବର୍ଷ ଧରି ମୁଁ ଶତପ୍ରତିଶତ ଭୋଟରଙ୍କ ସଂଖ୍ୟା ହାସଲ କରିବାକୁ ବଞ୍ଜାରୁ ମାଲେ ମତଦାନ କେନ୍ଦ୍ର ପାଇଁ ଚେଷ୍ଟା କରିଆସୁଥିଲି ଯେଉଁଥିପାଇଁ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗ ଶୀଘ୍ର ସମାଧାନ କରାଯିବା ଦରକାରଥିଲା ।

ଏପ୍ରିଲ ୨୬, ୨୦୨୪ ମତଦାନ ଦିନ, ସମସ୍ତ ଭୋଟର (୫୧ ପୁରୁଷ ଏବଂ ୬୦ ମହିଳା ଭୋଟର) ସେମାନଙ୍କର ମତାଧିକାର ବ୍ୟବହାର କରିଥିଲେ, ଯାହା ମତଦାନ କେନ୍ଦ୍ର 86ରେ ୧୦୦ ପ୍ରତିଶତ ମତଦାନ ସୁନିଶ୍ଚିତ କରିଥିଲା ।

ମୁଁ ନିର୍ବାଚନର ଏହି ପର୍ବରେ ଏକ BLO ଭାବରେ ଯୋଗଦାନ କରି ଖୁସି ଏବଂ ସନ୍ତୁଷ୍ଟ ଅନୁଭବ କରୁଅଛି ।









ଭାରତ ନିର୍ବାଚନ ଆୟୋଗ
Election Commission of India

ନିର୍ବାଚନର ପର୍ବ
ଦେଶର ଗର୍ବ
ସାଧାରଣ ନିର୍ବାଚନ - ୨୦୨୪

# ଆପଣ ଜଣେ ସଚେତନ ଭୋଟର କି ?

ଆପଣଙ୍କ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ମାନଙ୍କ ତଥ୍ୟ ଜାଣିବା ପାଇଁ
ଡାଉନଲୋଡ କରନ୍ତୁ Know Your candidate ( KYC ) ଆପ୍

## ଜଣେ ସଚେତନ ଭୋଟର ହୁଅନ୍ତୁ !




ଏହି QR କୋଡ ସ୍କାନ କରନ୍ତୁ
'KYC' ଚଳଚିତ୍ର ଦେଖିବା ପାଇଁ

Log on to: elections24.eci.gov.in

Android

iOS

KYC
KNOW YOUR CANDIDATE
ଏବେହିଁ ସ୍କାନ କରନ୍ତୁ
ଏବଂ ଡାଉନଲୋଡ଼ କରନ୍ତୁ
KYC ଆପ୍ !

ଭୋଟର ହେଲ୍ପଲାଇନ୍ କୁ କଲ କରନ୍ତୁ
**1950**

ଭୋଟର ତାଲିକାରେ ଆପଣଙ୍କ ନାମ ଯାଞ୍ଚ କରିବାକୁ ଏବଂ ଆପଣଙ୍କ ନିର୍ବାଚନମଣ୍ଡଳୀରେ ମତଦାନ ତାରିଖ ଜାଣିବା ପାଇଁ ଏହି QR କୋଡ୍ ସ୍କାନ୍ କରନ୍ତୁ ।

#IVoteForSure | #MeraVoteDeshKeLiye